**ଓଡ଼ିଶା ସରକାର**

**ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ**

# ପ୍ରେସ୍ ବିଜ୍ଞପ୍ତି

**ତାରିଖ.୨୫.୦୫.୨୦୨୧**

ବାତ୍ୟା 'ୟାସ୍' ପାରାଦ୍ୱୀପ ଠାରୁ ୩୨୦ କି.ମି ଦୂରରେ ଦକ୍ଷିଣ ଓ ଦକ୍ଷିଣ ପୂର୍ବରେ ରହିଛି। ଏହା ଧୀରେ ଧୀରେ ଉତ୍ତର ଓ ଉତ୍ତର ପଶ୍ଚିମ ଦିଗକୁ ଗତିକରୁଛି। ଭାରତୀୟ ପାଣିପାଗ ସଂସ୍ଥା ସୂଚନା ମୁତାବକ ୨୬ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ଉପକୂଳ ଧାମରା ଠାରୁ ଚାନ୍ଦବାଲି ମଧ୍ୟରେ ସ୍ଥଳଭାଗ ଛୁଇଁବାର ଅନୁମାନ କରାଯାଉଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ସୂଚନା ଦେଇଛନ୍ତି। ଏହିଭଳି ପରିସ୍ଥିତି ପ୍ରତି ରାଜ୍ୟ ସରକାର ସଂପୂର୍ଣ୍ଣ ସଜାଗ ରହିଛନ୍ତି ଏବଂ ତଦାନୁଯାୟୀ ବିଭିନ୍ନ ସତର୍କତା ଗ୍ରହଣ କରିଛନ୍ତି।

ରାଜ୍ୟ ସରକାରଙ୍କ ୫ଜଣ ସଚିବ ଓ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଓ ମୟୁରଭଞ୍ଜ ଜିଲ୍ଲାରେ ସ୍ଥାନାନ୍ତରଣ, ଉଦ୍ଧାର, ପ୍ରସ୍ତୁତି ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏମାନେ ଜିଲ୍ଲାର ବିଭିନ୍ନ ସଂସ୍ଥା, ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଆଗୁଆ ପଦକ୍ଷେପ ଗ୍ରହଣ କରିବେ ଓ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବେ।

ଆଜି ସନ୍ଧ୍ୟା ପରଠାରୁ ପବନର ବେଗ ତୀବ୍ର ହେବ, ଏଣୁ ସନ୍ଧ୍ୟା ପୂର୍ବରୁ ସମସ୍ତ ବିପଦସଂକୁଳ ଅଞ୍ଚଳରେ ସ୍ଥାନାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ଶେଷ କରିବାକୁ କୁହାଯାଇଛି। ଏଥିନିମନ୍ତେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ପକ୍କା ଗୃହକୁ ମିଶାଇ ୬୮୯୧ଟି ଆଶ୍ରୟସ୍ଥଳ ସଂପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ଓ ତାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ତଦନୁଯାୟୀ କଚ୍ଚା, ଖପର, ଆଜବେଷ୍ଟସ୍ ଘର ଓ ତଳୁଆ ଅଞ୍ଚଳର ଲୋକମାନଙ୍କୁ ଶୀଘ୍ର ସ୍ଥାନାନ୍ତରଣ କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଅତି ଉଚ୍ଚ ଜୁଆର ଆସିବାର ସମ୍ଭାବନା ଥିବା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲାର ତଳୁଆ ଅଞ୍ଚଳଗୁଡିକରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି। ଆଶୟସ୍ଥଳୀଗୁଡିକରେ ମାସ୍କ ବଂଟନ, ଖାଦ୍ୟ,

ପାନୀୟଜଳ, ସାବୁନ, ସାନିଟାଇଜର ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଏବେ ସୁଦ୍ଧା ପାଖାପାଖି ୫୦-୬୦ ହଜାର ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇଛି।

କୋଭିଡ ମହାମାରୀର ଭୟାଭୟତାକୁ ଦୃଷ୍ଟିରେ ରଖି କୋଭିଡ ନିୟମକୁ କଡାକଡି ଭାବେ ପାଳନ କରିବା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। କୋଭିଡ୍ ହସ୍ପିଟାଲ ଗୁଡିକରେ ପାନୀୟଜଳ, ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କରାଯିବା ସହ ଔଷଧ, ଅକ୍ସିଜେନ ଇତ୍ୟାଦି ମହଜୁଦ ରଖାଯାଇଛି। କୋଭିଡ ହସ୍ପିଟାଲରେ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରୀ ଦଳଙ୍କର ରହିବା ବ୍ୟବସ୍ଥା ମଧ୍ୟ କରାଯାଇଛି।

ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ଓ ଜଳସଂପଦ ବିଭାଗ ତରଫରୁ କୁଶଳୀ ଯନ୍ତ୍ରୀମାନଙ୍କୁ ନେଇ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ଜେସିବି, ଟ୍ରାକ୍ଟର, ଏକ୍ସାଭେଟର, ଜେନେରେଟର, ଇନ୍ଧନ, ପାୱାର ସ, ଗ୍ୟାସ କଟର ଇତ୍ୟାଦି ସାଜ ସରଞ୍ଜାମ ଏବଂ ଆବଶ୍ୟକୀୟ କୁଶଳୀ, ଅଣକୁଶଳୀ ଶ୍ରମିକ ପ୍ରସ୍ତୁତ କରି ରଖାଯାଇଛି। ଏମାନେ ଜିଲ୍ଲାପ୍ରଶାସନକୁ ରାସ୍ତାରେ ପଡିଥିବା ଗଛକାଟି ସଫା କରିବା ପାଇଁ, ବିଦ୍ୟୁତ ମରାମତି, ଟେଲିକମ୍ ପୁନରୁଦ୍ଧାର ଆଦି ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବେ। ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ତରଫରୁ ୭୧୦ ଜେନେରେଟର, ୮୧୩ ଟ୍ୟାଙ୍କର, ପିଭିସି ଟାଙ୍କି ୧୮୦୦ ଓ ଗାଡି ପ୍ରସ୍ତୁତ କରି ରଖାଯାଇଛି। ଶକ୍ତି ବିଭାଗ ପକ୍ଷରୁ ୧୧୨୫ ଟି ଟ୍ରାନ୍ସଫରମର, ୧୬୦ ଜେନେରେଟର, ୫୦୦ ଯାନ ପ୍ରସ୍ତୁତ କରି ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନଙ୍କୁ ନେଇ ୩୦୮ ଟି ଚିକିତ୍ସା ଦଳ, ୬୩୫ ଟି ଚିକିତ୍ସା ସହାୟକ କେନ୍ଦ୍ର ଓ ୨୧୫ ଟି ଜେନେରେଟର ସହ ଔଷଧ, ଓଆରଏସ୍, ଆନ୍ୟାନ୍ୟ ଆନୁଷଙ୍ଗିକ ଇଂଜେକ୍ସନ, ମାସ୍କ, ପିପିଇ କିଟ୍, ବ୍ଲିଚିଂ ପାଉଡର ଆଦି ପ୍ରସ୍ତୁତ କରି ରଖାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାତ୍ୟା 'ୟାସ୍' ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବୃଷ୍ଟିପାତ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ପୁରୀ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରପଡା, ଖୋର୍ଦ୍ଧା ଓ ମୟୁରଭଞ୍ଜ ଜିଲ୍ଲାର ୩୦ ଗୋଟି ବ୍ଲକରେ ୫୦ ମି.ମି. ରୁ ଅଧିକ ବୃଷ୍ଟିପାତ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି, କୁଜଙ୍ଗ, ରାଜନଗର, କେନ୍ଦ୍ରାପଡା ଓ ଅସ୍ତରଙ୍ଗ ବ୍ଲକରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହୋଇଛି।